# ମନ୍ଦିରରେ ହରିଜନ ପ୍ରବେଶ- ସୁଦୂର ଅତୀତର ଅନୁଭୂତିରୁ

**(କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଦଶୀପୁର ଗ୍ରାମରେ ୧୯୨୦ ମସିହାରେ ଜନ୍ମଲାଭ କରିଥିବା ଜଣେ ସ୍ୱାଧିନତା ସଂଗ୍ରାମୀ ଶ୍ରୀ ନରୋତ୍ତମ ବେହେରାଙ୍କ ଅପ୍ରକାଶିତ ଆତ୍ମଜୀବନୀରୁ ଉଦ୍ଧୃତ)**

ସେତେବେଳକୁ ଇଂରେଜ ଶାସନର ଅବସାନ ହୋଇଆସୁଥାଏ। ଇଂରେଜ ସରକାର ଭାରତବର୍ଷକୁ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ କ୍ଷମତା-ହସ୍ତାନ୍ତର କରିବା କଥା ଘୋଷଣା ହୋଇ ସାରିଥାଏ । ତା' ପୂର୍ବରୁ ୧୯୪୬ ମସିହାରେ କେନ୍ଦ୍ରରେ ଓ ପ୍ରଦେଶମାନଙ୍କରେ ଅସ୍ଥାୟୀ ସରକାର ଗଢ଼ାଯାଇଥାଏ। ଗାନ୍ଧିଜୀଙ୍କ କଥାନୁସାରେ ପ୍ରାଦେଶିକ ସରକାରମାନେ ହରିଜନମାନଙ୍କ ପାଇଁ ବିଧାନସଭାରେ ଆଇନ୍ କରିଦେଇଥାନ୍ତି ଯେ, ଯାନିଯାତରା, ହୋଟେଲ୍, ମନ୍ଦିର, ଗ୍ରାମଦେବତୀ, ସ୍କୁଲକଲେଜ ଇତ୍ୟାଦି ସର୍ବସାଧାରଣ ସ୍ଥଳମାନଙ୍କରେ କେହି ହରିଜନମାନଙ୍କୁ ବାଧା ଦେଇପାରିବେ ନାହିଁ କିମ୍ବା ଅଛୁଆଁ ବୋଲି ଅସଦାଚରଣ କରିବେ ନାହିଁ ତଥା ଏହି ଆଇନ୍ ଯେ ଭାଙ୍ଗିବ, ସେ ଦଣ୍ଡିତ ହେବ। ଏହିପରି ଏକ ଅସ୍ପୃଶ୍ୟତା ନିବାରଣ ଆଇନ୍ ସାରା ଭାରତବର୍ଷର ପ୍ରାଦେଶିକ ସରକାରମାନେ କରିଦେଇଥାନ୍ତି । କିନ୍ତୁ ଆମେ ବିଚାର କଲୁ, କେବଳ ଆଇନ୍ ଦ୍ୱାରା ସମାଜରୁ ଏ ଘୃଣ୍ୟ ପ୍ରଥା ଲୋପ ହୋଇଯିବ, ତାହା ସମ୍ଭବ ନୁହେଁ । ଆମେ ମାର୍ଶାଘାଇରେ ଗୋପବନ୍ଧୁ ସେବାସଂଘ ଗଠନ କରି ଅନ୍ୟାନ୍ୟ ଗଠନମୂଳକ କାମସହ ଅସ୍ପୃଶ୍ୟତା ନିବାରଣ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କଲୁ। ସେହି ଅନୁସାରେ ଆମେ ଗାଁକୁ ଗାଁ ବୁଲି ସଭାସମିତି କରି ଆଲୋଚନା ମାଧମରେ ଅସ୍ପୃଶ୍ୟତା ନିବାରଣ କଥା ପ୍ରଚାର କଲୁ। ଲୋକମାନଙ୍କୁ ବୁଝାଇଲା ବେଳେ ସେମାନେ ବୁଝିଯାନ୍ତି, ତଥାପି ପରବର୍ତ୍ତୀ ମୁହୂର୍ତ୍ତରେ ନିଜେ ହରିଜନକୁ ଛୁଇଁବାକୁ ପଛାନ୍ତି । ବହୁ କଂଗ୍ରେସମନ୍ତ୍ରୀମାନେ ଅସ୍ପୃଶ୍ୟତା ନିବାରଣ ସମ୍ବନ୍ଧରେ ବଡ଼ବଡ଼ ଭାଷଣ ଦେଉଥାନ୍ତି, କିନ୍ତୁ କାର୍ଯ୍ୟତଃ ସେମାନଙ୍କ ଆଚରଣରେ ସେହି ଆଦର୍ଶ ଦେଖିବାକୁ ମିଳୁନଥିଲା । ମୁଁ ଚିନ୍ତା କଲି, ଆମଭିତରୁ ସାହାସର ସହିତ କେହି ଯଦି ହରିଜନ ଘରେ ଖାଏ, ତେବେ ସମସ୍ତଙ୍କ ମନରୁ ଜଡ଼ତା ଭାଙ୍ଗିବ ଓ ସବୁଦିନ ପାଇଁ ଛୁଆଁଛୁଇଁ ଉଠିଯିବ । ଏହା ନହେଲେ କେବଳ କଥା ଜୋର୍‌ରେ ଏ ସମାଜରୁ ଅସ୍ପୃଶ୍ୟତାର କଳଙ୍କ ଲିଭାଇ ପାରିବା ନାହିଁ। . . . . . . . .

ଆମ ଗାଁରେ ବହୁ ବାଧାବିଘ୍ନ ସତ୍ତ୍ୱେ ମୁଁ ପ୍ରଥମେ ହରିଜନ ଘରେ ଖାଇବା ପରେ ଯେଉଁ ସଫଳତା ପାଇଥିଲି, ତଦ୍ୱାରା ଉତ୍ସାହିତ ହୋଇ ଚିନ୍ତାକଲି ଆମ ଅଞ୍ଚଳରେ ହରିଜନମାନେ କିପରି ମନ୍ଦିରକୁ ପ୍ରବେଶ କରିପାରିବେ । ୧୯୪୬ ମସିହାରେ ଶାରଳାଙ୍କ ମନ୍ଦିରରେ ହରିଜନ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାର୍ଶାଘାଇ ସେବାସଂଘ ତରଫରୁ ମୁଁ ଦଳେ ହରିଜନଙ୍କୁ ନେଇ ପ୍ରୋସେଶନ୍ କରି ମନ୍ଦିରରେ ପ୍ରବେଶ କରେଇ ଥିଲୁ । ସେଦିନ ଘଟଣାସ୍ଥଳରେ ଓଡ଼ିଶାର ଲାଟ୍ କୈଳାସନାଥ କାଟ୍‌ଜୁ ଓ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ, ତଥା ନବକୃଷ୍ଣ ଚୌଧୁରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ । ଯେତେବେଳେ ହରିଜନମାନେ ବିଧିବଦ୍ଧଭାବେ ମନ୍ଦିରରେ ପ୍ରବେଶ କଲେ, ଠିକ୍ ସେତିକିବେଳେ ତାଙ୍କର ସେବାୟତ ଓ ତାହୁକମାନେ ମନ୍ଦିର ଛାଡ଼ି ପଳାଇଆସି ପ୍ରଚାର କଲେ ଯେ, ସମସ୍ତଙ୍କ ଉପରେ ଦେଉଳ ଭାଙ୍ଗି ପଡ଼ିବ ଏବଂ ଶାରଳା ମା ହରିଜନଙ୍କ ମନ୍ଦିରପ୍ରବେଶକୁ ବରଦାସ୍ତ କରିପାରିବେ ନାହିଁ ଓ କୌଣସି ନା କୌଣସି ଅନିଷ୍ଟ ଘଟାଇଦେବେ । କିନ୍ତୁ ହରିଜନମାନେ ମନ୍ଦିରରେ ପ୍ରବେଶ କରି ଶାରଳାଙ୍କୁ ଦର୍ଶନ କଲେ । ଦେଉଳ ଭାଙ୍ଗି ପଡ଼ିଲା ନାହିଁ କି କୌଣସି ଅନିଷ୍ଟ ଘଟିଲା ନାହିଁ । ଏହିପରି ସୁରୁଖୁରୁରେ ଶାରଳାପୀଠରେ ହରିଜନଙ୍କ ମନ୍ଦିର-ପ୍ରବେଶ କାର୍ଯ୍ୟକ୍ରମ ସମାପନ ହେଲା ।

ସେହିବର୍ଷ ଶ୍ରୀ ବଳଦେବଜୀଉ ମନ୍ଦିରରେ ଦୀନବନ୍ଧୁ ସାହୁଙ୍କ ଉଦ୍ୟମରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇବାର ପ୍ରୋଗ୍ରାମ୍ ନିଆଯାଇଥାଏ । ଆମେ ଚିନ୍ତା କଲୁ, ଗାଁ ଗହଳରେ କିପରି ଗାଁ ଠାକୁରାଣୀଙ୍କ ମନ୍ଦିରରେ ହରିଜନ ପ୍ରବେଶ କରିବେ । ଆଗେ ଆମ ଗାଁରେ ମଳିକ ବା ଅସ୍ପୃଶ୍ୟ ଜାତିମାନଙ୍କୁ ଠାକୁର ଘରକୁ ପୁରାଇବା ତ ଦୂରର କଥା, ଠାକୁରଘର ପିଣ୍ଡା ମଧ ମଡ଼ାଇ ଦିଆଯାଉ ନଥିଲା । ସେବାସଂଘ ତରଫରୁ ଠିକ୍ ହେଲା ଯେ, ଆମ ଗ୍ରାମରେ ଅଗ୍ନିଉତ୍ସବ ଦିନ ହରିଜନମାନେ ମନ୍ଦିର ପ୍ରବେଶ କରିବା ସଂଗେସଂଗେ ଅଗ୍ନି ଉତ୍ସବରେ ଯୋଗ ଦେବେ । ଏହିକଥା ସ୍ଥିର ହେବାରୁ ମୁଁ ଆସି ଆମଗ୍ରାମରେ ଯେଉଁ ଯୁବସଂଗଠନ ଥିଲା ତା'ର ସମସ୍ତ ମେମ୍ବରମାନଙ୍କୁ ଏ ବିଷୟରେ ସୂଚାଇଲି । ସର୍ବସମ୍ମତିକ୍ରମେ ମୋର ପ୍ରସ୍ତାବ ଗୃହୀତ ହେଲା । ଅଗ୍ନିଉତ୍ସବ ଦିନ ଗ୍ରାମର ସବର୍ଣ୍ଣମାନେ ପ୍ରତ୍ୟେକ ଘରୁ ପାଳ ଆଣି ପାଳଗଦା ତିଆରି କରୁଥିଲେ। ଗ୍ରାମ ଦେବତୀଙ୍କ ପାଖରେ ହରିଜନମାନଙ୍କଠାରୁ ପାଳ ନିଆ ଯାଉନଥିଲା କି ପାଳଗଦା ଛୁଇଁବାକୁ ଦିଆଯାଉନଥିଲା । ସେମାନେ ପାଳକୁ ନ ଛୁଇଁ ସବର୍ଣ୍ଣଙ୍କଠାରୁ ହାତକୁ ତଳ କରି ଭୋଗ ଓ ବାଇଗଣ ପୋଡ଼ା ଇତ୍ୟାଦି ନେଉଥିଲେ । କିନ୍ତୁ ହରିଜନମାନେ ଠାକୁର କିମ୍ବା ଅଗ୍ନିଦେବତା ରୂପକ ପାଳଗଦାକୁ ଛୁଇଁ ପାରୁନଥିଲେ କିମ୍ବା ତହିଁର ସାର ଆଣିପାରୁ ନଥିଲେ । ଆମେ ବୈଠକରେ ସ୍ଥିର କଲୁ ଯେ, ଆମ୍ଭେ ୭୦ ଜଣ ପର୍ଯ୍ୟନ୍ତ ଯୁବକ ହରିଜନମାନଙ୍କୁ ସାଙ୍ଗରେ ଧରି ଗ୍ରାମମୁଣ୍ଡରୁ ଏକ ପ୍ରସେସନ୍ କରି ସ୍ଲୋଗାନ୍ ଦେଇ ଠାକୁରାଣୀଙ୍କ ପାଖକୁ ଯିବା ଓ ପ୍ରଥମେ ମୁଁ ଆଗରେ ରହି ସ୍ଲୋଗାନ୍ ଦେବି । ହରିଜନମାନଙ୍କ ମନ୍ଦିର ପ୍ରବେଶ ପ୍ରସ୍ତାବକୁ ବିରୋଧ କରି ସବର୍ଣ୍ଣମାନେ ଗଣ୍ଡଗୋଳ ସୃଷ୍ଟି କରିବାର ଆଶଙ୍କା ଥିବାରୁ, ପୁଣି ସ୍ଥିର ହେଲା ଯେ, ଆମକୁ ଶୃଙ୍ଖଳା ଓ ସାବଧାନତା ସହକାରେ ସମସ୍ତ କାର୍ଯ୍ୟ ତୁଲାଇବାକୁ ପଡ଼ିବ ଏବଂ ମୁଁ ଏହାର ନେତୃତ୍ୱ ନେଇ ଯେତେବେଳେ ଯାହା କହିବି, ସେହି ଅନୁସାରେ ଅନ୍ୟମାନେ କାର୍ଯ୍ୟ କରିବେ । ଏହି ଯୋଜନା ଅନୁସାରେ ଆମେ ପ୍ରାୟ ୭୦ ଜଣ ଯୁବକ ଠିକ୍ ସନ୍ଧ୍ୟା ୬ଟାରେ ହରିଜନମାନଙ୍କୁ ପ୍ରସେସନ୍‌ରେ ନେଇ ସ୍ଲୋଗାନ୍ ଦେଇ ଚାଲିଲୁ । ଠିକ୍ ଠାକୁରାଣୀଙ୍କ ପାଖରେ ପହୁଞ୍ଚିବାକୁ ୨୦ ହାତ ଅଛି, ହଠାତ୍ ଗ୍ରାମର ଶହଶହ ଲୋକ ଆମ ଉପରକୁ ଧାଇଁ ଆସିଲେ ଓ 'ହେଇ ମାର, ନିଆଁକୁ ଫୋପାଡ଼ି ଦିଅ', ଇତ୍ୟାଦି ଚିତ୍କାର କଲେ । ସେମାନେ ଯେଉଁ ବାଡ଼ିଅଣ୍ଟୁଖା ଖଣ୍ଡେଖଣ୍ଡେ ନେଇଥାନ୍ତି ବାଇଗଣ ପୋଡ଼ିବା ପାଇଁ, ସେହି ବାଡ଼ିକୁ ତଳେ ବାଡ଼େଇବାଡ଼େଇ କମ୍ପମାନ କରୁଥାନ୍ତି, କିନ୍ତୁ ମାରି ପାରୁନଥାନ୍ତି । ସେମାନଙ୍କ ମନରେ ବୋଧହୁଏ ଭୟଥାଏ । ଆମେ ଯେଉଁ ୭୦ ଜଣ ପର୍ଯ୍ୟନ୍ତ ଯୁବକ ହରିଜନମାନଙ୍କୁ ସାଙ୍ଗରେ ନେଇ ଯାଇଥିଲୁ, ଠିକ୍ ଗଣ୍ଡଗୋଳ ଆରମ୍ଭରେ ମୁଁ

ଯୁବକମାନଙ୍କୁ ନୀରବ ରହିବାକୁ ଆଦେଶ ଦେଲି । ମୁଁ କହିଲି, "ସେମାନଙ୍କର ପାଟିତୁଣ୍ଡ ଓ ରଡ଼ି ବନ୍ଦ ନହେବା ପର୍ଯ୍ୟନ୍ତ ତୁମେମାନେ ସମସ୍ତେ ସେହି ଯାଗାରେ ଠିଆ ହୋଇ ରୁହ । କ'ଣ କରୁଛନ୍ତି ଦେଖିବା" । ସେହି ଅନୁସାରେ ଆମର ଯୁବକମାନେ ଚୁପ୍‌ଚାପ୍ ଠିଆ ହୋଇ ରହିଲେ । ମୁଁ ଜାଣିଥାଏ, ଆମଆଡ଼ୁ କିଛି ଗଣ୍ଡଗୋଳ ହେଲେ, ସେମାନେ ସୁବିଧା ପାଇବେ ମାର୍‌ପିଟ୍ କରିବା ପାଇଁ । ଆଉ ମଧ ସେମାନଙ୍କ ସଂଖ୍ୟା ଆମଠାରୁ ଖୁବ୍ ଅଧିକ । ଆମେ ଶୃଙ୍ଖଳାର ସହ ନୀରବ ରହିବା ଫଳରେ ମାର୍‌ପିଟ୍ ହୋଇପାରିଲା ନାହିଁ । ସେମାନେ କେବଳ ପାଟିତୁଣ୍ଡ ଖୁବ୍ ଜୋର୍‌ରେ କରୁଥାନ୍ତି ଓ ଅଣୁଖାବାଡ଼ିକୁ ଧରି ବାଡ଼େଇବା ପାଇଁ ଉଦ୍ୟତ ହେଉଥାନ୍ତି । ମୁଁ ଆଗରେ ଥାଏ । ସେମାନେ କେହି ସାହସ କରି ବାଡ଼େଇ ପାରିଲେ ନାହିଁ । ସେମାନେ ଯାହା କେବଳ ପାଟିତୁଣ୍ଡ କରି ଗୋଳମାଳ କଲେ । ଅଗ୍ନିଉତ୍ସବ ହୋଇପାରିଲା ନାହିଁ । ଗ୍ରାମର ମୁଖିଆମାନେ ସାଧାରଣ ଲୋକଙ୍କୁ ମତାଇବାରେ ଲାଗିଥାନ୍ତି ଗଣ୍ଡଗୋଳ କରାଇବା ପାଇଁ । କିନ୍ତୁ ଗଣ୍ଡଗୋଳ ହୋଇ ନପାରିବାରୁ ବାଧହୋଇ ସେମାନେ ତୁନି ପଡ଼ିଲେ । ତା'ପରେ ଆମ୍ଭେମାନେ ଯାଇ ସେମାନଙ୍କୁ ପଚାରିଲୁ, ତୁମ୍ଭେମାନେ କାହିଁକି ଆମକୁ ମାରିବାକୁ ଆସୁଥିଲ ? ଆମମାନଙ୍କ ସହ ସେମାନଙ୍କର ବହୁତ ଯୁକ୍ତିତର୍କ ହେଲା, କିନ୍ତୁ ଯୁକ୍ତିରେ ନପାରି ମାମଲତ୍‌କାରମାନେ ଯେଝା ଘରକୁ ପଳାଇଗଲେ । ଆମ୍ଭେମାନେ ମଧ ଯେଝା ଘରକୁ ଫେରିଲୁ । ସେବର୍ଷ ଅଗ୍ନିଉତ୍ସବ ପାଳନ ହୋଇପାରିଲା ନାହିଁ । ଆମେ ମଧ ହରିଜନଙ୍କୁ ସାଙ୍ଗରେ ନେଇ ସେମାନଙ୍କର ମନ୍ଦିର ପ୍ରବେଶ ସହ ଅଗ୍ନି ଉତ୍ସବରେ ଯୋଗଦାନ ସମ୍ଭବ କରାଇ ପାରିଲୁ ନାହିଁ ।

ତା'ପରଦିନ ମାର୍ଶାଘାଇ ଅଞ୍ଚଳରେ ହୁଲ୍‌ସ୍ଥୁଲ୍ ପଡ଼ିଗଲା ଦଶିପୁର ଗ୍ରାମର ଅଗ୍ନିଉତ୍ସବ ଗଣ୍ଡଗୋଳକୁ କେନ୍ଦ୍ରକରି । ସେତେବେଳେ ଗୋପବନ୍ଧୁ ସେବାସଂଘରେ ବୃନ୍ଦାବନ ବାବୁ ପ୍ରେସିଡେଣ୍ଟ ଓ ମୁଁ ସେକ୍ରେଟାରୀ ଥିଲୁ । ବାମଦେବ ମହାପାତ୍ର, ଯାହାଙ୍କ ଉଦ୍ୟମରେ ଗୋପବନ୍ଧୁ ସେବାସଂଘ ଗଢ଼ା ହୋଇଥିଲା, ସେ ଆମର ପରାମର୍ଶଦାତା ଥିଲେ । ତା'ପରଦିନ ବୃନ୍ଦାବନ ବାବୁ ଓ ବାମଦେବ ମହାପାତ୍ର ଆମ ଗ୍ରାମକୁ ଆସି ମୋଠାରୁ ସମସ୍ତ କଥା ଶୁଣି ଗ୍ରାମ ଲୋକଙ୍କୁ ଡକାଇଲେ । କେତେକ ସାଧାରଣ ଲୋକଙ୍କ ବ୍ୟତୀତ ଗ୍ରାମର କେହି ମୁଖିଆ ଲୋକ ଆସିଲେ ନାହିଁ । ତେଣୁ ସେ ଦୁଇଜଣ ନିରାଶ ହୋଇ ମାର୍ଶାଘାଇ ଫେରିଗଲେ। ଆଗରୁ କହିଛି, ସେତିକିବେଳେ କଂଗ୍ରେସ ସରକାର ନୂଆକରି ହରିଜନମାନଙ୍କ ମନ୍ଦିର ପ୍ରବେଶ ଆଇନ୍ ଗଢ଼ିଥାନ୍ତି । ମୁଁ ତା' ପରଦିନ ଗୋପବନ୍ଧୁ ସେବାସଂଘ ମିଟିଂରେ ଦଶିପୁର ଅଗ୍ନିଉତ୍ସବ ଘଟଣା ପକାଇଲି । ସେଥିରେ ସ୍ଥିର ହେଲା, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ପାଖକୁ ହରିଜନମାନେ ଦରଖାସ୍ତ କରିବେ ଯେ, ସର୍ବସାଧାରଣ ଦେବାଦେବୀଙ୍କ ପାଖରେ ଅଗ୍ନି ଉତ୍ସବ ପାଳନ ପାଇଁ ସେମାନଙ୍କୁ ବାଧା ଦିଆଯାଉଥିଲା। ଏହି ମର୍ମରେ ଆମ ଗ୍ରାମର ବଟ ମଳିକ ଇତ୍ୟାଦି ହରିଜନମାନେ ଗୋଟିଏ ଦରଖାସ୍ତ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ପାଖକୁ ପଠାଇଲେ । ସେଥିରେ ମୁଦାଲା ହିସାବରେ ଗ୍ରାମର ମୁଖିଆ ଚାରିଜଣଙ୍କ ବିରୁଦ୍ଧରେ ଅଭିଯୋଗ କରାଗଲା। ମୁଁ ଏହି କେଶ୍‌ରେ ମୁଖ୍ୟ ଭୂମିକା ନେଇ ଲଢ଼ିଲି । ସେତେବେଳେ ପ୍ରାଣକୃଷ୍ଣ ପଢ଼ିହାରୀ କଟକ ଜିଲ୍ଲା କଂଗ୍ରେସ ସଭାପତି ଥିଲେ । ଆମେ ତ ଆଗରୁ କଂଗ୍ରେସ ଲୋକ ଥିଲୁ । ସେ ଦରଖାସ୍ତ ପାଇବା ସଂଗେସଂଗେ ଏହା ଉପରେ ତୁରନ୍ତ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ୍ କରିଦେଲେ । ସେତେବେଳେ ତ ସରକାରୀ କର୍ମଚାରୀମାନେ କଂଗ୍ରେସ ସରକାରଙ୍କ କଥାକୁ ପାଳନ କରିବା ପାଇଁ ତତ୍ପର ଥାଆନ୍ତି । କେନ୍ଦ୍ରାପଡ଼ା ଏସ୍.ଡି.ଓ. ସଂଗେସଂଗେ ଆମ ପାଟକୁରା ଥାନା ଇନ୍‌ଚାର୍ଯ୍ୟ ଅଫିସରଙ୍କୁ ନିର୍ଦ୍ଦେଶ ଦେଲେ ଯେ, ଶୀଘ୍ର ସାତଦିନ ଭିତରେ ଏହାର ଇନ୍‌କ୍ୱାରୀ ରିପୋର୍ଟ ଦିଅ । ପାଟକୁରା ପୁଲିସ୍ ତା'ପରେ ଆମଗ୍ରାମକୁ ଆସି ମୁଦାଲାମାନଙ୍କୁ ଥାନାକୁ ଯିବାକୁ କହିଲେ, କିନ୍ତୁ ମୁଦାଲାମାନେ ଯିବାକୁ ରାଜି ହେଲେ ନାହିଁ। କେତେକ ମୁଦାଲା ଡରରେ ଲୁଚି ରହିଲେ ଓ ଆଉ କେତେକ ହେୟଜ୍ଞାନ କଲେ । ପୁଲିସ୍ ଗ୍ରାମରୁ ଫେରିଯାଇ ଇନ୍‌ଚାର୍ଯ୍ୟ ଅଫିସରଙ୍କୁ ଜଣାଇଲେ ଯେ, ମୁଦାଲା ଆସିଲେ ନାହିଁ । ପୁଲିସ୍‌ମାନେ ମଧ୍ୟ ଆମମାନଙ୍କ ଠାରୁ ଘଟଣାର ବିବରଣୀ ସଂଗ୍ରହ କରିଥିଲେ । ସେହି ଅନୁସାରେ ଇନ୍‌ଚାର୍ଯ୍ୟ ଅଫିସର୍ କୋର୍ଟକୁ ଆମ ସପକ୍ଷ ହୋଇ ଜଣାଇଲେ ଯେ, ଆସାମୀମାନେ ପ୍ରକୃତରେ ଅଗ୍ନିଉତ୍ସବ ଦିନ ସର୍ବସାଧାରଣ ଠାକୁରାଣୀଙ୍କ ପାଖରେ ହରିଜନମାନଙ୍କୁ ବାଧାପ୍ରଦାନ ଓ ମାରଧର କରିବାକୁ ଧମକଚମକ ଦେଇଥିଲେ । ଏହିପରି ପୁଲିସ୍ ରିପୋର୍ଟ ମାଜିଷ୍ଟ୍ରେଟ୍‌ଙ୍କୁ ମିଳିବାରୁ ମାଜିଷ୍ଟ୍ରେଟ୍ ସଂଗେସଂଗେ ଆସାମୀମାନଙ୍କୁ ୱାରେଣ୍ଟ ତଲବ କଲେ । ଆସାମୀମାନେ ବାଧହୋଇ କୋର୍ଟରୁ ଜାମିନ୍‌ରେ ଆସିଲେ । କେସ୍ ଦୀର୍ଘଦିନ ଧରି ଚାଲିଲା । ମାମଲତ୍‌କାରମାନେ ସେତେବେଳକୁ ଭାଙ୍ଗି ପଡ଼ିଲେଣି । ଗ୍ରାମବାସୀମାନେ କେହି ତାଙ୍କୁ ସାହାଯ୍ୟ କଲେ ନାହିଁ । ସେମାନେ ବାରମ୍ବାର କୋର୍ଟକୁ ଦୌଡ଼ିଦୌଡ଼ି ହତାଶ ହୋଇପଡ଼ିଲେ । ଶେଷକୁ ମାଜିଷ୍ଟ୍ରେଟ୍ କହିଲେ, ଶୀଘ୍ର ଏହାର ମିଳାମିଶା କର, ନଚେତ୍ ଜେଲ୍ ଖଟିବ । ଏକଥା ଶୁଣି ସେମାନଙ୍କୁ ଛାନିଆ ପଶିଲା । ମକଦ୍ଦମା ତୁଟାଇଦେବାକୁ ସେମାନେ ଆମ୍ଭମାନଙ୍କୁ କହିଲେ । ଆମ୍ଭେମାନେ ତାଙ୍କୁ ସର୍ତ୍ତ ଦେଲୁ, ଯଦି ସେମାନେ ଲେଖିଦେବେ ଯେ, ସର୍ବସାଧାରଣ ଅନୁଷ୍ଠାନ ଓ ଦେବାଦେବୀ ମନ୍ଦିର ଇତ୍ୟାଦି ସ୍ଥାନମାନଙ୍କରେ କେବେହେଲେ ସେମାନେ ହରିଜନଙ୍କୁ ବାଧାବିଘ୍ନ ଦେବେ ନାହିଁ, ତେବେ ମକଦ୍ଦମା ଫଇସଲା ହୋଇଯିବ । ସେମାନେ ସେହିପରି ଲେଖିଦେବାକୁ ବାଧ ହେଲେ, ଏବଂ ସେମାନଙ୍କ ଉପରୁ ମକଦ୍ଦମା ଉଠିଗଲା । ସେହିଦିନଠାରୁ ଦେବାଦେବୀ ମନ୍ଦିର ସମେତ କୌଣସି ସର୍ବସାଧାରଣ ସ୍ଥାନରେ ସେମାନେ ହରିଜନଙ୍କୁ କେବେ ବାଧାବିଘ୍ନ ଦେଇନାହାନ୍ତି ।

ସେହିବର୍ଷଠାରୁ ପ୍ରଥମେ କିଛିବର୍ଷ ଧରି ଗ୍ରାମବାସୀମାନେ ଦୁଇଦଳ ହୋଇ ଅଗ୍ନିଉତ୍ସବ ପାଳନ କରିଥିଲେ। ଗ୍ରାମର ସବର୍ଣ୍ଣ ଲୋକେ ପ୍ରଥମେ ପାଳନ କଲାପରେ ହରିଜନମାନେ ଆସି ଠିକ୍ ସେହି ସ୍ଥାନରେ ଅଗ୍ନି ଉତ୍ସବ ପାଳନ କରୁଥିଲେ; ଏମିତି ଅଲଗାଅଲଗା ଭାବେ ଅଗ୍ନିଉତ୍ସବ ପାଳନ ହେଉଥିଲା । କିନ୍ତୁ ପୁଣି କିଛିବର୍ଷ ପରେ ସବର୍ଣ୍ଣମାନେ ନିଜେ ବୁଝିପାରିଲେ ଯେ, ଆଉ ହରିଜନମାନଙ୍କୁ ଅଲଗା କରି ରଖିହେବ ନାହିଁ । ତେଣୁ ତା ପରଠାରୁ ଗ୍ରାମଦେବତୀଙ୍କ ପାଖରେ ଏକାଠି ଅଗ୍ନି ଉତ୍ସବ ପାଳନ କରାଯାଉଛି ।

ନରୋତ୍ତମ ବେହେରା
ଦଶିପୁର, ବାଲଣା, ମାର୍ଶାଘାଇ, ଜି- କେନ୍ଦ୍ରାପଡା